**ଭାରତର ସର୍ବୋଚ୍ଚ ନ୍ୟାୟାଳୟ**

**ଦେୱାନୀ ଆବେଦନ କ୍ଷେତ୍ରାଧିକାର**

**ଦେୱାନୀ  ଆବେଦନ ସଂଖ୍ୟା ୬୯୧୦ /୨୦୨୧**

**ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ... ଆବେଦନକାରୀ (ମାନେ)**

**ବନାମ**

**ଗୌରୀ ଦେବୀ ... ଉତ୍ତରଦାତା (ମାନେ)**

**ରାୟ**

## ଏମ. ଆର. ଶାହ, ବିଚାରପତି

୧. ତା ୦୫.୦୨.୨୦୨୧ରିଖରେ କଟକ ସ୍ଥିତ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କ  ଦୁଇଜଣିଆ ଖଣ୍ଡପୀଠ ରିଟ୍ ଆବେଦନ ସଂଖ୍ୟା ୭୭୯୧/୨୦୨୦ରେ ପ୍ରଦାନ କରିଥିବା ଆକ୍ଷେପିତ ରାୟ ଏବଂ ଆଦେଶ ଯେଉଁଥିରେ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ଏଠାରେ ଆବେଦନକାରୀଙ୍କ ଦ୍ୱାରା ଆଗତ କରାଯାଇଥିବା ଉକ୍ତ ରିଟ୍ ଆବେଦନକୁ  ଖାରଜକରି, ମାନ୍ୟବର କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଟି.ଏ. ସଂଖ୍ୟା ୧୪/୨୦୧୪ରେ ପ୍ରଦାନ କରିଥିବା ରାୟ ଏବଂ ଆଦେଶକୁ ସୁନିଶ୍ଚିତ କରିଛନ୍ତି,  ଯେଉଁଠାରେ ମାନ୍ୟବର ନ୍ୟାୟାଧିକରଣ ଉତ୍ତରଦାତା-ମୂଳ ଆବେଦନକାରୀଙ୍କ ଦ୍ୱିତୀୟ ପୁତ୍ରଙ୍କ ଅନୁକମ୍ପାମୂଳକ ନିଯୁକ୍ତି ମାମଲାକୁ ବିଚାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଉକ୍ତ ରାୟ ଓ ଆଦେଶରେ କ୍ଷତିଗ୍ରସ୍ତ ଓ ଅସନ୍ତୋଷ ବୋଧକରି ଏହି ଆବେଦନ ଦାୟର କରିଛନ୍ତି ।

୨.    ତଲବପତ୍ର ଜାରି ହେବା ସତ୍ତ୍ୱେ, ଉତ୍ତରଦାତାଙ୍କ ପକ୍ଷରୁ କେହି ହାଜର ହୋଇନଥିଲେ ।

୩.    ବର୍ତ୍ତମାନର ଆବେଦନରେ ଯେଉଁ ପ୍ରସଙ୍ଗ ରହିଛି ତାହା ଅତ୍ୟନ୍ତ ସଂକୀର୍ଣ୍ଣ ।

୪.    ମୃତ କର୍ମଚାରୀ ୧୯୭୭ ମସିହାରେ ରେ ମୃତ୍ୟୁବରଣ କରିଛନ୍ତି । ବଡ଼ ପୁଅ ଅନୁକମ୍ପାମୂଳକ ନିଯୁକ୍ତି ପାଇଁ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ । ତାଙ୍କର ମାମଲା ମୃତ କର୍ମଚାରୀଙ୍କ ମୃତ୍ୟୁ ସମୟରେ ଲାଗୁ ହେଉଥିବା ଯୋଜନା ଅନୁଯାୟୀ ବିବେଚନା କରାଯାଇଥିଲା, ଅର୍ଥାତ୍ ତା୦୧.୦୯.୧୯୭୫ ରିଖର ପରିପତ୍ର ଆଦେଶ ଏବଂ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ତାଙ୍କ ଆବେଦନକୁ ଖାରଜ କରାଯାଇଥିଲା ।

୪.୧  ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହେବାର ୧୮ବର୍ଷରୁ ଅଧିକ ସମୟ ପରେ, ମୃତ କର୍ମଚାରୀଙ୍କ ବିଧବା ପତ୍ନୀ ଉଚ୍ଚ ନ୍ୟାୟାଳୟରେ ଓଜେସି ନମ୍ବର ୭୮୩/୧୯୯୬ ନାମରେ ଏକ ରିଟ୍ ଆବେଦନ ଦାଖଲ କରିଥିଲେ ଏବଂ ଅନୁକମ୍ପା ଆଧାରରେ ତାଙ୍କ ଦ୍ୱିତୀୟ ପୁଅକୁ ନିଯୁକ୍ତି ଦେବାପାଇଁ ଅନୁରୋଧ କରିଥିଲେ ।

୪.୨  ଏହି ପର୍ଯ୍ୟାୟରେ, ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ, ତା ୧୭.୧୦.୧୯୭୭ ରିଖର ଆଦେଶ ଦ୍ୱାରା ଅନୁକମ୍ପା ଆଧାରରେ ବଡ଼ ପୁଅଙ୍କ ନିଯୁକ୍ତି ପାଇଁ ଖାରଜ ହୋଇଥିବା ଆବେଦନକୁ ରିଟ୍ ଦରଖାସ୍ତରେ ଆପତ୍ତି କରାଯାଇନଥିଲା । ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ କ୍ରମେ ଏହି ରିଟ ଆବେଦନକୁ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, କଟକକୁ ସ୍ଥାନାନ୍ତରିତ କରାଯାଇଥିଲା, ଯାହାକୁ ଟି.ଏ. ସଂଖ୍ୟା ୧୪/୨୦୧୪ ନାମରେ ପଞ୍ଜୀକୃତ କରାଯାଇଥିଲା । ତା ୨୮.୧୧.୨୦୧୯ ରିଖର ରାୟ ଏବଂ ଆଦେଶ ଦ୍ୱାରା ନ୍ୟାୟାଧିକରଣ ଟି.ଏ. ସଂଖ୍ୟା ୧୪/୨୦୧୪ର ଫଇସଲା କରିଥିଲେ ଏବଂ ମୃତକଙ୍କ ଦ୍ୱିତୀୟ ପୁତ୍ର ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ମାମଲାରେ ଅନୁକମ୍ପାମୂଳକ ନିଯୁକ୍ତି ଯୋଜନା ଅନୁଯାୟୀ ପୁନର୍ବିଚାର କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆବେଦନକାରୀଙ୍କ

ଦ୍ୱାରା ଉଚ୍ଚ ନ୍ୟାୟାଳୟରେ ଆଗତ କରାଯାଇଥିବା ରିଟ୍ ଆବେଦନ ସଂଖ୍ୟା ୭୭୯୧/୨୦୨୦ କୁ ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ଖାରଜ କରିଦେଇଛନ୍ତି ।

୪.୩ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଓ ଆଦେଶରେ ବ୍ୟଥିତ ଏବଂ ଅସନ୍ତୋଷ ବୋଧ କରି ଷ୍ଟିଲ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ ଏହି ଆବେଦନ କରିଛନ୍ତି ।

୫. ଆବେଦନକାରୀଙ୍କ ତରଫରୁ ଉପସ୍ଥିତ ବିଜ୍ଞ ଅଧିବକ୍ତାଙ୍କୁ ଶୁଣିବା ପରେ ଏବଂ ଉପରେ ବର୍ଣ୍ଣନା କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ, ମୃତ କର୍ମଚାରୀ ୧୯୭୭ ମସିହାରେ ମୃତ୍ୟୁବରଣ କରିଥିଲେ ଏବଂ ଅନୁକମ୍ପା ଆଧାରରେ ତାଙ୍କର ଦ୍ୱିତୀୟ ପୁଅକୁ ନିଯୁକ୍ତି ଦେବା ପାଇଁ ତାଙ୍କ ବିଧବା ପତ୍ନୀଙ୍କ ଦ୍ୱାରା ଦ୍ୱିତୀୟ ଆବେଦନ ୧୯୯୬ ମସିହାରେ ଅର୍ଥାତ୍ ମୃତ କର୍ମଚାରୀଙ୍କ ମୃତ୍ୟୁ ତାରିଖର ୧୮ ବର୍ଷ ପରେ ଦାଖଲ କରାଯାଇଥିଲା ।

୫.୧ ଏହି ପର୍ଯ୍ୟାୟରେ ଏହା ଉଲ୍ଲେଖ କରିବା ଆବଶ୍ୟକ ଯେ ୧୯୭୭ ମସିହାରେ ବଡ଼ ପୁଅ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ ଏକ ଆବେଦନ କରିଥିଲେ, ଯାହାକୁ ୧୯୭୭ ମସିହାରେ ଖାରଜ କରାଯାଇଥିଲା ଏବଂ ତାହା ଚୂଡ଼ାନ୍ତ ରୂପ ନେଇଥିଲା । ଉପରୋକ୍ତ ତଥ୍ୟ ସତ୍ତ୍ୱେ, ଦ୍ୱିତୀୟ ଥର ପାଇଁ ୧୯୯୬ ମସିହାରେ ଦ୍ୱିତୀୟ ପୁଅ ନିଯୁକ୍ତି ପାଇଁ ଆବେଦନ ଯାହାକି ୧୮ ବର୍ଷ ପରେ କରାଯାଇଥିଲା । ଦ୍ୱିତୀୟ ଆବେଦନ କରିବାରେ ୧୮ବର୍ଷ ବିଳମ୍ବ ହୋଇଥିବା ସତ୍ତ୍ୱେ, ଦୁର୍ଭାଗ୍ୟବଶତଃ ମାନ୍ୟବର ନ୍ୟାୟାଧିକରଣ ଆବେଦନକାରୀଙ୍କୁ ଏହି ମାମଲାର ପୁନର୍ବିଚାର କରିବା ଏବଂ ଅନୁକମ୍ପା ଆଧାରରେ ଦ୍ୱିତୀୟ ପୁତ୍ରଙ୍କୁ ନିଯୁକ୍ତି ଦେବା ଲାଗି ଆଦେଶ ଦେଇଥିଲେ, ଯାହାକୁ ଉଚ୍ଚ ନ୍ୟାୟାଳୟଙ୍କ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ନିଶ୍ଚିତ କରାଯାଇଛି । ଏହା ବ୍ୟତୀତ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ରାୟ ଏବଂ ଆଦେଶରେ କୌଣସି ନିର୍ଦ୍ଦିଷ୍ଟ ସ୍ୱାଧୀନ ତଥ୍ୟ ପ୍ରଦାନ

କରିନାହାଁନ୍ତି, ଯାହା ଦୃଷ୍ଟିଗୋଚର ହୁଏ ଯେ ସମ୍ପୃକ୍ତ ପକ୍ଷଙ୍କ ତରଫରୁ କରାଯାଇଥିବା ଉପସ୍ଥାପନାର ବର୍ଣ୍ଣନା ବ୍ୟତୀତ, ମାମଲାର ଉତ୍କର୍ଷତା, ବିଳମ୍ବ କିମ୍ବା ତ୍ରୁଟି ସଂକ୍ରାନ୍ତରେ କୌଣସି ବିଚାର କରାଯାଇନାହିଁ । ସେ ଯାହା ହେଉନା କାହିଁକି, ଅନ୍ୟପକ୍ଷରେ, ମାମଲାର ଉତ୍କର୍ଷତା ଦୃଷ୍ଟିରେ, ବିଳମ୍ବ ଏବଂ ତ୍ରୁଟି ଆଧାରରେ ଉତ୍ତରଦାତା ଅନୁକମ୍ପାମୂଳକ ନିଯୁକ୍ତି ପାଇବାକୁ ହକଦାର ହେବେ ନାହିଁ ।

୫.୨ **ପଞ୍ଜାବ ରାଜ୍ୟ ପାୱାର କର୍ପୋରେସନ ଲିମିଟେଡ ଏବଂ ଅନ୍ୟମାନେ ବନାମ ନିର୍ବଲ ସିଂ, (୨୦୧୯ ) ୬ ଏସସିସି ୭୭୪** ମାମଲାକୁ ନେଇ ଏହି ନ୍ୟାୟାଳୟ କହିଛନ୍ତି ଯେ ବିଳମ୍ବରେ ଦାବିକରିବା/ଅଦାଲତଙ୍କ ଦ୍ୱାରସ୍ଥ ହେବା ଦ୍ୱାରା ଅନୁକମ୍ପାମୂଳକ ନିଯୁକ୍ତି ପାଇବାର ଦାବିକୁ ବିରୋଧ କରିବ, ଯାହାକି ପରିବାରର ତୁରନ୍ତ ଉନ୍ନତିସାଧନ କରିବାର ଉଦ୍ଦେଶ୍ୟକୁ ସମାପ୍ତ କରିଦେବ । ଏହି ନ୍ୟାୟାଳୟଙ୍କ ନିକଟରେ ପହଞ୍ଚିବାରେ ୭ ବର୍ଷ ବିଳମ୍ବ ହୋଇଥିଲା ଏବଂ ଏହି ନ୍ୟାୟାଳୟ କହିଥିଲେ ଯେ ବିଳମ୍ବ ଆଧାରରେ ମୃତ କର୍ମଚାରୀଙ୍କ ଉତ୍ତରାଧିକାରୀ/ଆଶ୍ରିତ, ଅନୁକମ୍ପା ଆଧାରରେ ନିଯୁକ୍ତି ପାଇବା ପାଇଁ ହକଦାର ହେବେନାହିଁ ।

୫.୩ **ଜାମ୍ମୁ-କାଶ୍ମୀର ରାଜ୍ୟ ଏବଂ ଅନ୍ୟମାନେ ବନାମ ସଜାଦ ଅହମ୍ମଦ ମୀର (୨୦୦୬ ) ୫ ଏସସିସି ୭୬୬** ମାମଲାରେ, ଏହି ନ୍ୟାୟାଳୟକୁ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇବାରେ ବିଳମ୍ବ ଏବଂ ତ୍ରୁଟି ବିଷୟରେ ବିଚାର କରିବାର ଅବସର ପାଇଥିଲେ । ମୃତ କର୍ମଚାରୀଙ୍କ ମୃତ୍ୟୁର ସାଢ଼େ ଚାରି ବର୍ଷ ପରେ ଅନୁକମ୍ପା ଆଧାରରେ ନିଯୁକ୍ତି ପାଇଁ କରାଯାଇଥିବା ଦାବିକୁ ଅଗ୍ରାହ୍ୟ କରି, କୁହାଯାଇଥିଲା, ଅନୁକମ୍ପା ଆଧାରରେ ନିଯୁକ୍ତି ସାଧାରଣ ନିୟମର ଏକ ବ୍ୟତିକ୍ରମ ଯେଉଁଠାରେ ସରକାରୀ ପଦବୀରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ଯୋଗ୍ୟତା ଆଧାରରେ ନିଯୁକ୍ତି ହେବା ଉଚିତ । ଏହା ମଧ୍ୟ କୁହାଯାଇଛି ଯେ ରୋଜଗାରକ୍ଷମ ବ୍ୟକ୍ତିଙ୍କ ମୃତ୍ୟୁ ପରେ ମଧ୍ୟ ପରିବାର ତିଷ୍ଠି ରହିଥିଲା ଏବଂ ଯଥେଷ୍ଟ ସମୟ ଅତିବାହିତ ହୋଇଯାଇଛି, ତେଣୁ ସମ୍ବିଧାନର ଧାରା ୧୪ ର ଆଦେଶକୁ ଅଣଦେଖା

କରି, ଅନ୍ୟମାନଙ୍କ ସ୍ୱାର୍ଥକୁ ବଳିଦେଇ, ଅନୁକମ୍ପା ଆଧାରରେ ନିଯୁକ୍ତି ଦେବାର କୌଣସି ଆବଶ୍ୟକତା ନାହିଁ ।

୬. ଉପରୋକ୍ତ କାରଣ ଗୁଡିକୁ ଦୃଷ୍ଟିରେ ରଖି ଏବଂ ପୂର୍ବ ନିର୍ଦ୍ଧାରିତ ନିର୍ଣ୍ଣୟ ପ୍ରଦତ୍ତ ନିୟମକୁ ପ୍ରୟୋଗ କରି ଏବଂ ବର୍ତ୍ତମାନର ମାମଲାରେ ଦ୍ୱିତୀୟ ଆବେଦନ ଦୀର୍ଘ ୧୮ବର୍ଷର ଅବଧି ପରେ କରାଯାଇଥିବାରୁ, ଉଚ୍ଚ ନ୍ୟାୟାଳୟ ଏବଂ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରାୟ ଏବଂ ଆଦେଶ ଅନୁସାରେ ଆବେଦନକାରୀଙ୍କୁ ଉତ୍ତରଦାତାଙ୍କ ଦ୍ୱିତୀୟ ପୁତ୍ରଙ୍କ ମାମଲାର ପୁନର୍ବିଚାର କରିବା ପାଇଁ ଦିଆଯାଇଥିବା ନିର୍ଦ୍ଦେଶ ଯାହାକି ଅନୁପଯୁକ୍ତ ଏବଂ ବାତିଲ ଏବଂ ରଦ୍ଦ କରାଯିବା ଯୋଗ୍ୟ ଅଟେ ଏବଂ ତଦନୁସାରେ ତାହାକୁ ରଦ୍ଦ ଏବଂ ବାତିଲ କରାଗଲା । ଏହା ଅନୁଧ୍ୟାନ ଏବଂ ବିଚାର ରଖାଗଲା ଯେ ଉତ୍ତରଦାତାଙ୍କ ଦ୍ୱିତୀୟ ପୁଅ, ଅନୁକମ୍ପା ଆଧାରରେ ନିଯୁକ୍ତି ପାଇବା ପାଇଁ ହକଦାର ହେବେନାହିଁ ଯାହା କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣଙ୍କ ଦ୍ୱାରା ଅନୁଧ୍ୟାନ କରାଯାଇଛି ଏବଂ କୁହାଯାଇଛି, ଯାହାକୁ କି ଉଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠ ତାଙ୍କ ଆକ୍ଷେପିତ ରାୟ ଏବଂ ଆଦେଶ ଦ୍ୱାରା ସୁନିଶ୍ଚିତ କରିଛନ୍ତି ।

ତଦନୁସାରେ ବର୍ତ୍ତମାନର ଆବେଦନକୁ ମଞ୍ଜୁର କରାଗଲା । ମାମଲାର ତଥ୍ୟ ଏବଂ ପରିସ୍ଥିତିରେ, ଖର୍ଚ୍ଚ ବାବଦରେ କୌଣସି ଆଦେଶ ନାହିଁ ।

.........ବିଚାରପତି

**[ଏମ. ଆର. ଶାହ]**

.........ବିଚାରପତି

**[ସଞ୍ଜୀବ ଖାନ୍ନା]**

ନୂଆ ଦିଲ୍ଲୀ;

ନଭେମ୍ବର ୧୮, ୨୦୨୧

**<u>ଅସ୍ୱୀକାର ପତ୍ର</u>**

*"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"*

***TRANSLATED BY:***
Shri Jatadhari Sethi
Translator, High Court of Orissa, Cuttack.